# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**09th January - 2025**

**************************************

*Desk*

## ପ୍ରବାସୀ ଭାରତୀୟ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରଠାରେ ଚାଲିଥିବା ତିନିଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଏଥିସହିତ ଶ୍ରୀ ମୋଦି ଥିମ୍ ପାଭିଲିୟନ୍‌କୁ ମଧ୍ୟ ଉଦ୍‌ଘାଟନ କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବା ଲାଗି ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ତ୍ରିନିଦାଦ୍ ଓ ଟୋବାଗୋ ଗଣରାଜ୍ୟର ରାଷ୍ଟ୍ରପତି କ୍ରିଷ୍ଟିନ୍ କାର୍ଲା କାଙ୍ଗାଲୁ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଅପରାହ୍ଣ ଅଧିବେଶନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟଙ୍କ ସହିତ ବିକଶିତ ଭାରତ-୨୦୪୭ ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ତିନିଦିନିଆ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସମ୍ମିଳନୀରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ବହୁସଂଖ୍ୟାରେ ପ୍ରବାସୀ ଭାରତୀୟମାନେ ଯୋଗ ଦେଇଛନ୍ତି ।

*Desk*

# ପ୍ରବାସୀ ଭାରତୀୟ - ପ୍ରଦର୍ଶନୀ

ପ୍ରବାସୀ ଭାରତୀୟମାନଙ୍କୁ ରାଜ୍ୟର ଐତିହ୍ୟ, ସଂସ୍କୃତି ଓ ସଭ୍ୟତା ସମ୍ପର୍କରେ ଅବଗତ କରାଇବାପାଇଁ 'ବିଶ୍ୱ ରୂପରାମ ରାମାୟଣର ସାର୍ବଜନୀନତା' ଉପରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଏହା ବ୍ୟତୀତ ପ୍ରଯୁକ୍ତି ଜ୍ଞାନକୌଶଳ କ୍ଷେତ୍ରରେ ପ୍ରବାସୀମାନଙ୍କ ଅବଦାନ ଏବଂ ଭାରତ-ଭାରତୀୟ ସ୍ୱଦେଶ-ପରଦେଶ ଐତିହ୍ୟର ଅଭିଲେଖ ଆଧାରିତ ପ୍ରଦର୍ଶନୀ ସ୍ଥାନ ପାଇଛି ।

*Desk*

# ପ୍ରଭାତୀ ପରିଡ଼ା - ପ୍ରବାସୀ ଭାରତୀୟ ଦିବସ

ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ଗଢ଼ିତୋଳିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା ପ୍ରବାସୀ ଭାରତୀୟ ସମ୍ମିଳନୀର ପ୍ରଥମ ଦିନରେ ଗତକାଲି ଓଡ଼ିଶାର ଶ୍ରେଷ୍ଠ ସୁରକ୍ଷିତ ରହସ୍ୟର ଉନ୍ମୋଚନ ପ୍ରସଙ୍ଗ ଉପରେ ଆୟୋଜିତ ଅଧିବେଶନରେ ଶ୍ରୀମତୀ ପରିଡା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ଭାବନାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି।

***Voice :............***

***Desk***

# ରକ୍ଷା ନିଖିଲ୍ ଖଡ୍‌ସେ

କ୍ରୀଡ଼ା କ୍ଷେତ୍ରରେ 'ଖେଲୋ ଇଣ୍ଡିଆ' ଭଳି ବୈପ୍ଲବିକ ପଦକ୍ଷେପ ଯୋଗୁଁ ବିଶ୍ୱ ସ୍ତରରେ ଦେଶର ଯୁବ ଆଥ୍‌ଲେଟ୍‌ମାନଙ୍କୁ ସ୍ୱୀକୃତି ହାସଲ କରିବା ଦିଗରେ ପ୍ରୋତ୍ସାହନ ମିଳୁଛି ବୋଲି  କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେ କହିଛନ୍ତି । ଶ୍ରୀମତୀ ଖଡ୍‌ସେ କଟକ ଜଗତ୍‌ପୁରସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଓ ଜାତୀୟ ଉତ୍କର୍ଷ କେନ୍ଦ୍ର ଗତକାଲି ପରିଦର୍ଶନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଦେଶରେ କ୍ରୀଡ଼ା କ୍ଷେତ୍ରରେ ଅଭୂତପୂର୍ବ ବିକାଶ ଘଟିଛି ।

ଦେଶର ଆଥ୍‌ଲେଟ୍‌ମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା, ଭିତ୍ତିଭୂମି ଓ ସହାୟତା ପ୍ରଦାନ କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀମତୀ ଖଡ୍‌ସେ କହିଛନ୍ତି ।

***Puri/R***

# ଶ୍ରୀମନ୍ଦିର - ଧାଡ଼ି ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ୨୦ ତାରିଖଠାରୁ ନାଟମଣ୍ଡପରେ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସାମ୍ବାଦିକମାନଙ୍କୁ ପୁରୀଠାରେ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ରତ୍ନଭଣ୍ଡାର ମରାମତି କାର୍ଯ୍ୟ ମଧ

ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବ ଏବଂ ଏହାପରେ ରତ୍ନ ଅଳଙ୍କାର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯିବ । ପୁରୀ ବଡ଼ଦାଣ୍ଡ ଉଠାଦୋକାନୀଙ୍କ ଲାଗି ଦିଲ୍ଲୀ ହାଟ ପରି ବଜାର ନିର୍ମାଣ କରାଯିବା ନେଇ ସରକାର ବିଭିନ୍ନ ପକ୍ଷଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

***Desk***

## ମହାକୁମ୍ଭ ମେଳା

ମହାକୁମ୍ଭ ମେଳା -୨୦୨୫ ଲାଗି ଓଡ଼ିଶାରୁ ଅଯୋଧ୍ୟାକୁ ରାଜ୍ୟ ପରିବହନ ନିଗମ ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବାର ବ୍ୟବସ୍ଥା କରାଯାଇଛି । ବାଣିଜ୍ୟ ଓ ପରିବହନ ବିଭାଗର ସୂଚନା ଅନୁସାରେ ଆସନ୍ତା ୧୨ ତାରିଖରୁ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ମହାକୁମ୍ଭ ମେଳା ଲାଗି ପୁରୀ, ଭବାନୀପାଟଣା, ବ୍ରହ୍ମପୁର ଓ ସମ୍ବଲପୁରରୁ ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ । ଏଥିଲାଗି ଜନସାଧାରଣ ଓ.ଏସ୍.ଆର୍.ଟି.ସି.ର ୱେବ୍‌ସାଇଟ୍, ମୋବାଇଲ୍ ଆପ୍ କିମ୍ବା ନିକଟସ୍ଥ ଟିକେଟ୍ କାଉଣ୍ଟର୍‌ରୁ ଟିକେଟ୍ ବୁକିଂ କରିପାରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଆନୁକୂଲ୍ୟରେ ରାଉରକେଲା ଏବଂ ରାଞ୍ଚିରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ - ୨୦୨୪-୨୫ର ପୁରସ୍କାର ରାଶି ବୃଦ୍ଧି କରାଯାଇଛି ।

ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବର୍ଗରେ ମୋଟ୍ ୧୦ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ପୁରୁଷ ବର୍ଗ ଚାମ୍ପିୟନ୍ ଦଳକୁ ୩ କୋଟି ଏବଂ ମହିଳା ବର୍ଗ ଚାମ୍ପିୟନ୍ ଦଳକୁ ୧ କୋଟି ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ରାଉରକେଲା ଏବଂ ରାଞ୍ଚିଠାରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ପୁରୁଷ ବର୍ଗରେ ୮ଟି ଦଳ ଏବଂ ମହିଳା ବର୍ଗରେ ୪ଟି ଦଳ ଭାଗ ନେଇଛନ୍ତି ।

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଗତକାଲି ଖେଳାଯାଇଥିବା ପ୍ରଥମ ମ୍ୟାଚରେ ତାମିଲ୍‌ନାଡୁ ଡ୍ରାଗନ୍ସ ୬-୫ ଗୋଲରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନ୍ସ' ୟୁ.ପି. ରୁଦ୍ରାସକୁ ୩-୦ ଗୋଲ୍‌ରେ ହରାଇ ଦେଇଛି । ହକି ଇଣ୍ଡିଆ ଲିଗ୍‌ରେ ହାଇଦ୍ରାବାଦ ତୋଫାନ୍ସର ଏହା ପ୍ରଥମ ବିଜୟ ।

*****